The Odisha Gazette

EXTRAORDINARY

PUBLISHED BY AUTHORITY

No. 777 CUTTACK, SATURDAY, APRIL 30, 2016/BAISAKHA 10, 1938

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଅଧିସୂଚନା

ତାରିଖ 16 ଅପ୍ରେଲ 2016

ସଂଖ୍ୟା 11599—RDM-LAB-KPT–0010/2016–R&DM.—ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପର ପାଖନାଗୁଡା–କାଠରଗଡା ଶାଖା କେନାଲ, ପାଖନାଗୁଡା ଉପଶାଖା କେନାଲ, କେନ୍ଦୁଗୁଡା ଉପଶାଖା କେନାଲ ଖନନ ନିମନ୍ତେ ସରକାର, ସରକାରୀ ବ୍ୟୟରେ ମୌଜା ପାଖନାଗୁଡା, ଥାନା ବି. ସିଙ୍ଗିପୁର ନଂ. ୧୧, ତହସିଲ ବୋରିଗୁମ୍ମା, ଜିଲ୍ଲା କୋରାପୁଟରେ ନିମ୍ନ ତଫସିଲମତେ ପ୍ରାୟ ୦.୫୪ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, 2013ର ଧାରା 11(1)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

1. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ—ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପର ପାଖନାଗୁଡା–କାଠରଗଡା ଶାଖା କେନାଲ, ପାଖନାଗୁଡା ଉପଶାଖା କେନାଲ କେନ୍ଦୁଗୁଡା ଉପଶାଖା କେନାଲ ଖନନ ।

2. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ—ନିର୍ବାହୀ ଯନ୍ତ୍ରୀ, ତେଲେଙ୍ଗିରି ମଧ୍ୟମ ଜଳସେଚନ ପ୍ରକଳ୍ପ, କେନାଲ ସେଚଖଣ୍ଡ, ନଂ. ୨, ଆମ୍ବାଗୁଡା, କୋରାପୁଟ ।

3. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ—କୌଣସି ବିସ୍ଥାପନ ହେଉନାହିଁ । ।

4. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ—ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।

5. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ—ଉପଜିଲ୍ଲାପାଳ, ଜୟପୁର, କୋରାପୁଟ ।

6. ଜମିର ବିବରଣୀ—

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| କୋରାପୁଟ | ବୋରିଗୁମ୍ମା | ପାଖନାଗୁଡା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୦.୫୪ ଏକର | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି କୋରାପୁଟ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ସଂପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର 6(Sixty) ଦିନ ମଧ୍ୟରେ କୋରାପୁଟ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ଜମିର ବିଶଦ ବିବରଣୀ

| ଜିଲ୍ଲାର ନାମ | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ଜମିର ମୋଟ ରକବା | ଅଧିସୂଚିତ ଦେବାକୁଥିବା ଜମିର ପରିମାଣ | ରୟତର ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) | (୭) | (୮) | (୯) |
| କୋରାପୁଟ | ବୋରିଗୁମ୍ମା | ପାଖନାଗୁଡା | ଗ୍ରାମାଞ୍ଚଳ | ୧୨୩/୩୨୨ | ୮୭ | ୧.୯୨ | ୦.୫୪ | ଲକ୍ଷ୍ମୀ ଭତରା, ପି. ଚୈତନ୍ୟ ଭତରା |
| | | | | | | ମୋଟ | **୦.୫୪** | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ
ସଂଗ୍ରାମ କେଶରୀ ମହାପାତ୍ର
ଯୁଗ୍ମ ଶାସନ ସଚିବ

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz 197–173+20